## ଶ୍ରୀଚନ୍ଦ୍ରଶେଖରଙ୍କ ଜଳାଭିଷେକ

ଢେଙ୍କାନାଳ ଅଫିସ,: ଶ୍ରାବଣ ଶେଷ ସୋମବାର ଉପଲକ୍ଷେ କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଜଳାଭିଷେକ ନୀତି ସମ୍ପନ୍ନ ହୋଇଛି। ଜିଲାକୁ କରୋନା ମୁକ୍ତ କରିବା ଏବଂ ଭଲ ଚାଷ ଉଦ୍ଦେଶ୍ୟରେ ସେବାୟତମାନେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ୧୦୮ ଗରା ପାଣିରେ ଠାକୁରଙ୍କ ଜଳାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ବିନା ଭକ୍ତରେ ସମସ୍ତ ନୀତି କରାଯାଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ସାପ କାମୁଡ଼ାରେ ୨ମୃତ

ଅନୁଗୋଳ ଅଫିସ୍, ୪।୮: ଅନୁଗୋଳ ଜିଲା ବଣ୍ଠରପାଳ ଥାନା ଅଞ୍ଚଳର ରତ୍ନାକର ବେହେରା (୭୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ରତ୍ନାକର ବିଲକୁ ଯାଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଚାନ୍ଦପୁର ଗ୍ରାମର ଜୟ ବେହେରାଙ୍କ ପୁଅ ସିଲୁ ବେହେରା(୨୪)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୋମବାର ରାତିରେ ସାପ କାମୁଡ଼ିବା ପରେ ସିଲୁଙ୍କୁ ପ୍ରଥମେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଥିଲା। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଭାଲୁ ଆକ୍ରମଣରେ ଚାଷୀଙ୍କ ଜୀବନଗଲା

ବଇଣ୍ଡା,୪।୮(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମର ଚାଷୀ ନୀଳାମ୍ବର ନାୟକଙ୍କ ଭାଲୁ ଆକ୍ରମଣରେ ମୃତ୍ୟୁ ଘଟିଛି। ମଙ୍ଗଳବାର ଭୋର୍ ସମୟରେ ନୀଳାମ୍ବର ନିକଟସ୍ଥ ଜମିକୁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ତାଙ୍କୁ ପ୍ରଥମେ କିଶୋରନଗର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ବନ ବିଭାଗ ସୂଚନା ଦେଇଛି।

### ସଞ୍ଜାମୁରା ୩ ଦିନ ଶଟ୍‌ଡାଉନ

ବଇଣ୍ଡା,୪।୮(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକର ସଞ୍ଜାମୁରା ପଞ୍ଚାୟତରୁ ମଙ୍ଗଳବାର ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହାକୁ ୩ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ସରପଞ୍ଚ ମୃତ୍ୟୁଞ୍ଜୟ ପ୍ରଧାନ ଚିଠି ନଂ. ୯୭/୪।୮।୨୦ରେ ବିଡିଓ ଏବଂ ଥାନା ଆଇଆଇସିଙ୍କୁ ଜଣାଇଛନ୍ତି।

### ଶିକାରୀ ଗିରଫ, ମାଂସ ଜବତ

ବଇଣ୍ଡା,୪।୮(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଟେଇକୁଳିଆ ଗ୍ରାମର ଚିତ୍ତରଞ୍ଜନ ବେହେରାଙ୍କୁ ସୋମବାର ରାତିରେ ପୋଲିସ ଓ ବନ ବିଭାଗ ଗିରଫ କରିବା ସହ ବାର୍‌ହା ମାଂସ ଜବତ କରିଛି। ଚିତ୍ତରଞ୍ଜନ ରବିବାର ରାତିରେ ନିକଟସ୍ଥ ଜଙ୍ଗଲରୁ ଏକ ବାର୍‌ହା ଶିକାର କରି ଆଣିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ହଣ୍ଡପା ଥାନା ଏଏସ୍‌ଆଇ କୁନି ବାରିକ, ପ୍ରମୋଦ ଆଇଚ ପ୍ରମୁଖ ଚଢ଼ାଉ କରିଥିଲେ।

### ରାମିଆଳ ବଢ଼ିପାଣିରେ ଭାସିଗଲେ ଚାଷୀ

କାମାକ୍ଷାନଗର, ୪।୮(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମଠକରଗୋଳା ପଞ୍ଚାୟତ ଅଧୀନ ଲୋକାପଲି ଗ୍ରାମର ଚାଷୀ ହୃଷୀକେଶ ବେହେରା (୬୬) ରାମିଆଳ ନଦୀର ବଢ଼ିପାଣିରେ ଭାସିଯାଇଛନ୍ତି। ସେ ମଙ୍ଗଳବାର ସକାଳେ ନଦୀ ପାର ହୋଇ ବିଲକୁ ଯାଉଥିଲେ। ଅଚାନକ ନଦୀରେ ପାଣି ବଢ଼ିବାରୁ ସେ ଫେରି ଆସୁଥିଲେ। ହେଲେ ପ୍ରଖର ସ୍ରୋତ ତାଙ୍କୁ ଭସାଇ ନେଇଥିଲା। ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଖବର ଲେଖାଯିବା ସୁଦ୍ଧା ନିଖୋଜ ଚାଷୀଙ୍କ ପତ୍ତା ମିଳିନାହିଁ। ସୋମବାର ଦଣ୍ଡାଧର ଡ୍ୟାମର ଗୋଟିଏ ଗେଟ୍ ଖୋଲିଥିବାରୁ ନଦୀରେ ଜଳସ୍ତର ବଢ଼ିଛି।

### ଭାଙ୍ଗିଲା ରେଲୱେ ଟାୱାର, ଶ୍ରମିକ ମୃତ

ଓଡ଼ାପଡ଼ା, ୪।୮(ଡି.ଏନ.ଏ.): ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ପୋଡ଼ାପଡ଼ା ଲେଭଲ କ୍ରସିଂଠାରୁ ୨୦୦ ମିଟର ଦୂରରେ ଥିବା ରେଲୱେ ବିଭାଗର ଏକ ପୁରୁଣା ଟାୱାର ଭାଙ୍ଗି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଜିଲା ବନ୍ତ ଥାନା ଛୟାଲିସିଂ ଅଞ୍ଚଳର ପ୍ରଦୀପ ସେଠୀ (୩୫)। ଏଥିରେ ଟିକନ ଜେନା (୩୪) ଗୁରୁତର ହୋଇଥିବାବେଳେ ଅନ୍ୟ କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ପୁରୁଣା ଟାୱାର ଖୋଲାଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତ ପ୍ରଦୀପ ଏକ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ରେଲ୍‌ୱେ ପୋଲିସ ଘଟଣାର ତଦନ୍ତ କରୁଛି।

# ଅସ୍ତିତ୍ୱ ସଙ୍କଟରେ ଶରତ ଚନ୍ଦ୍ର କ୍ଲବ

ପାଲଲହଡା,୪।୮(ଡି.ଏନ.ଏ.)



ପାଲଲହଡ଼ା ସହରରେ ଥିବା ଶରତ ଚନ୍ଦ୍ର କ୍ଲବ।

- କାନ୍ଥରୁ ଝଡ଼ୁଛି ସିମେଣ୍ଟ, ଗଳୁଛି ପାଣି
- ୪୦ ସଭ୍ୟଙ୍କ ଚାନ୍ଦାରେ ଚାଲିଛି
- ଯଥାଶୀଘ୍ର ପୁନରୁଦ୍ଧାର ଦାବି

ଅନୁଗୋଳ ଜିଲା ପାଲଲହଡ଼ାର ପରିଚୟ ପାଲଟିଥିବା ଦୀର୍ଘ ୭୩ ବର୍ଷର ଶରତ ଚନ୍ଦ୍ର କ୍ଲବ ଏବେ ବିପଦସଙ୍କୁଳ ଅବସ୍ଥାକୁ ଚାଲିଆସିଛି। ଏହାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ପରିବର୍ତ୍ତେ ମଝିରେ ମଝିରେ ଅଳ୍ପ କିଛି ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବାରୁ ରାଜାରାଜୁଡ଼ା ଅମଳର ଏହି କ୍ଲବ ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ପାଲଲହଡ଼ାର ଗର୍ବ ଓ ଗୌରବ କୁହାଯାଉଥିବା ଏହି କ୍ଲବ ତାହାର ଅସ୍ତିତ୍ୱ ହରାଇବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

୧୯୪୭ ମସିହାରେ ପାଲଲହଡା ଗଡଜାତର ରାଜା ଶରତ ଚନ୍ଦ୍ର ପାଲ ଆମୋଦ ପ୍ରମୋଦ ପାଇଁ ସହର ମଧ୍ୟଭାଗରେ ନିଜ ନାମରେ ଏହି କ୍ଲବ ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ପାଲଲହଡା ଗଡଜାତ ଶାସନରୁ ମୁକ୍ତହୋଇ ଅବିଭକ୍ତ ଢେଙ୍କାନାଳ ଜିଲାର ଏକ ଉପଖଣ୍ଡରେ ପରିଣତ ହେବା ପରେ ୧୯୭୫ରେ ତତ୍କାଳୀନ ଜିଲାପାଳ ସରିତା ଜୟନ୍ତ ଦାସ ଏହି କ୍ଲବର କିଛିଅଂଶ ଉନ୍ନତୀକରଣ କରାଇଥିଲେ। ସେହିପରି ୨୦୦୨ରେ ପାଲଲହଡାର ବିଧାୟକ ଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଏହାର ନବକଳେବର ହୋଇଥିଲା। ୨୦୧୧-୧୨ରେ ଢେଙ୍କାନାଳର ଏମ୍‌ପି ଥିବା ତଥାଗତ ସତପଥୀ ଏବଂ ୨୦୧୮ରେ ବିଧାୟକ ଥିବା ମହେଶ ସାହୁଙ୍କ ହାତପାଣ୍ଠି ଅର୍ଥରେ ଏହାର ଅଳ୍ପକିଛି ଉନ୍ନତୀକରଣ କାର୍ଯ୍ୟ ହୋଇଥିଲା। ଏହି କ୍ଲବ ପ୍ରେକ୍ଷାଳୟରେ ଭୋଟ ଗଣତିଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ସମ୍ମିଳନୀ, ସରକାରୀ କାର୍ଯ୍ୟକ୍ରମ ହୋଇଆସୁଛି। କିନ୍ତୁ ଏହାର ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ପୁରାତନ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଯାଇଛି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବାବେଳେ କାନ୍ଥରୁ ସିମେଣ୍ଟ ଝଡି ଯାଉଥିବା ଅଭିଯୋଗ ହେଉଛି। ପ୍ରାୟ ୪୦ ଜଣ ସ୍ଥାୟୀ ସଭ୍ୟଙ୍କ ଠାରୁ ସଂଗୃହୀତ ଚାନ୍ଦାରେ ସେବେଠାରୁ ଆଜି ପର୍ଯ୍ୟନ୍ତ ବହୁ କଷ୍ଟରେ କ୍ଲବ କାର୍ଯ୍ୟକ୍ଷମ ରହିଛି। ସ୍ଥାନୀୟ ଉପଜିଲାପାଳଙ୍କୁ ସଭାପତି ଦାୟିତ୍ୱରେ ରଖାଯାଉଛି। କ୍ଲବରେ ଏବେ ଜଣେ ରାତ୍ର ଜଗୁଆଳଙ୍କୁ ଛାଡିଦେଲେ ଆଉ କେହି କର୍ମଚାରୀ ନାହାନ୍ତି। ତେବେ ରାତ୍ର ଜଗୁଆଳଙ୍କୁ ଦରମା ଏବଂ କ୍ଲବର ରକ୍ଷଣା ବେକ୍ଷଣକୁ ସଭ୍ୟମାନେ ଦେଉଥିବା ଚାନ୍ଦା ଯଥେଷ୍ଟ ହେଉନାହିଁ। ଶୀଘ୍ର ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଖଣିଜ ପାଣ୍ଠିରୁ ଅର୍ଥ ଦିଆଯିବ



କ୍ଲବ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଜିଲା ଖଣିଜ ପାଣ୍ଠିରୁ ଏହାର ଉନ୍ନତୀକରଣ ନିମନ୍ତେ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ଜିଲାପାଳ ସମ୍ମତି ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ଏହି କ୍ଲବର ନବକଳେବର କାର୍ଯ୍ୟ ଆରମ୍ଭ ହେବ।

-ଅଜିତ କୁମାର ପ୍ରଧାନ, ଉପଜିଲାପାଳ ତଥା ସଭାପତି

### ସମସ୍ତ ପଦକ୍ଷେପ ନିଆଯିବ



ଶରତ ଚନ୍ଦ୍ର କ୍ଲବ ପାଲଲହଡାର ଗର୍ବ ଓ ଗୌରବ। ଏହାର ଉନ୍ନତୀକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଜିଲା ଖଣିଜ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଦିଆଯିବ। ଆବଶ୍ୟକ ପଡ଼ିଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ।

-ମୁକେଶ କୁମାର ପାଲ, ବିଧାୟକ, ପାଲଲହଡା

### ନିଅଣ୍ଟ ପଡୁଛି ସଭ୍ୟ ଚାନ୍ଦା



କ୍ଲବ ଚଳାଇବାର ଏକମାତ୍ର ଉତ୍ସ ହେଉଛି ସଭ୍ୟମାନଙ୍କଠାରୁ ଆଦାୟ ହେଉଥିବା ଚାନ୍ଦା। କିନ୍ତୁ ଆନୁଷଙ୍ଗିକ ଖର୍ଚ୍ଚ ଏବଂ କର୍ମଚାରୀଙ୍କ ଦରମାକୁ ଏହା ନିଅଣ୍ଟ ପଡୁଛି। ଏ ଦିଗରେ ସରକାର କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧିମାନେ ଦୃଷ୍ଟି ଦେବା ଆବଶ୍ୟକ।

-ଦୁର୍ଜ୍ୟୟ କୁମାର ଗଡ଼ନାୟକ, ସମ୍ପାଦକ

### ଜନପ୍ରତିନିଧିଙ୍କ ସହଯୋଗ ଜରୁରୀ



ଏହି ପୁରାତନ କ୍ଲବରେ ଥିବା ଘର ଗୁଡିକର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ଆସବାବପତ୍ର ମଧ ଭଲ ଅବସ୍ଥାରେ ନାହିଁ। କିପରି କ୍ଲବର ପୁନରୁଦ୍ଧାର କରାଯିବ ତାହା ଏବେ ପ୍ରଶ୍ନବାଚୀରେ ଥିବାବେଳେ ଜନପ୍ରତିନିଧିମାନଙ୍କ ସହଯୋଗ ନିହାତି ଜରୁରୀ।

-କ୍ରିଷ୍ଣ କୁମାର ବୋଷ, କ୍ଲବ ସଦସ୍ୟ

## କୋଭିଡ୍-୧୯ ପରିଚାଳନା ସମୀକ୍ଷା

ଅନୁଗୋଳ ଅଫିସ, ୪।୮

ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ସୋମବାର ସ୍ଥାନୀୟ ସର୍କିଟ ହାଉସ୍ ପରିସରରେ କୋଭିଡ୍-୧୯ର ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନ କ'ଣ ପଦକ୍ଷେପ ନେଇଛି ସେ ସମ୍ପର୍କରେ ବିଧାୟକ ପଚାରି ବୁଝିଥିଲେ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯେପରି କରୋନା ନ ବ୍ୟାପିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ବଣ୍ଠରପାଳ ଛକ ପାଖ ଗାଁଗୁଡ଼ିକରେ ଅଧିକ ପଜିଟିଭ ଚିହ୍ନଟ ହେଉଥିବାରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି କରୋନା ମୁକାବିଲା ସମ୍ପର୍କରେ ତଥ୍ୟ ରଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ପରୀକ୍ଷା ଜାରି ରହିଥିବାବେଳେ ଅଧିକ ମାଇକ୍ରୋବାୟୋଲୋଜିଷ୍ଟ ଆବଶ୍ୟକ ହେଉଥିବା ସିଡିଏମ୍‌ଓ ଅଭୟ କୁମାର ଦାଶ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ (ରାଜସ୍ୱ) ସନ୍ତୋଷ ପ୍ରଧାନ, ଏଡିଏମ୍‌ଓ (ମେଡିକାଲ) ବିଶ୍ୱବିହାରୀ ମହାନ୍ତି, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଦିଲୀପ କୁମାର ପଟ୍ଟନାୟକ, ନାଲ୍‌କୋ ଭୂଅର୍ଜନ ଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଘରେ ପଶିଲା ବର୍ଷାପାଣି

କାମାକ୍ଷାନଗର, ୪।୮(ଡି.ଏନ.ଏ.)



ଗ୍ରାମରେ ଜଳବନ୍ଦୀ ପରିସ୍ଥିତି।

- ଠିକାସଂସ୍ଥାକୁ ଦୋଷ ଦେଲେ ଗ୍ରାମବାସୀ
- କ୍ଷତିପୂରଣ ଦାବି, ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଳପୁରା, ଭଗବାନପୁର ଏବଂ ଦଳିତ ସାହିରେ ରହୁଥିବା ଶତାଧିକ ଲୋକଙ୍କ ଘରେ ମଙ୍ଗଳବାର ଅପରାହ୍ନରେ ବର୍ଷାପାଣି ପଶିଛି। ୫୩ନଂ. ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାର ଦାୟିତ୍ୱହୀନତା ଲାଗି ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବା ସହ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୫୩ନଂ. ଜାତୀୟ ରାଜପଥ କାମ ସହ ସମାନ୍ତରାଳ ଭାବେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ହେଲେ ବର୍ଷାଜଳ ନିଷ୍କାସନ ଲାଗି ବାଟ ନାହିଁ। ମଙ୍ଗଳବାର ଅସରାଏ ବର୍ଷା ହେବାରୁ ଲୋକଙ୍କ ଘରେ ମଇଳା ପାଣି ପଶିଯାଇଥିଲା। ଅଧିକାଂଶ ଘର ଭିତରେ ଆଣ୍ଠୁଏ ଉଚ୍ଚତାରେ ପାଣି ଜମି ରହିଥିଲା। ଏହି ଦୂଷିତ ପାଣି ରାସ୍ତାରେ ଉଚ୍ଛୁଳି କୂଅ, ପାଇଖାନାରେ ପଶିଯାଇ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଏପରି ସମସ୍ୟା ହେବ ବୋଲି ଅଞ୍ଚଳବାସୀ ଠିକାସଂସ୍ଥାକୁ ସତର୍କ କରାଇଥିଲେ। ହେଲେ ଏହାକୁ ଠିକାସଂସ୍ଥା କିମ୍ବା ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଏପରି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିବା ମାଳପୁରା ଗ୍ରାମ ସଭାପତି ହିତେନ୍ଦ୍ରିୟ ବିଶ୍ୱାଳ, ସମ୍ପାଦକ ପ୍ରିୟରଞ୍ଜନ ରାଉତ, ପରମେଶ୍ୱର ବିଶ୍ୱାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ସମସ୍ୟା ସମ୍ପର୍କରେ ଠିକାସଂସ୍ଥାକୁ ଅବଗତ କରାଯିବ। ତୁରନ୍ତ ଏହାର ପ୍ରତିକାର କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ।

## ୫୧ ଆକ୍ରାନ୍ତ, ୨୦ ସୁସ୍ଥ ଭୁବନ ଏନ୍‌ଏସି ଶଟ୍‌ଡାଉନ

ଢେଙ୍କାନାଳ ଅଫିସ, ୪।୮

ଢେଙ୍କାନାଳ ଜିଲାରେ ମଙ୍ଗଳବାର ୫୧ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିରୁ ଭୁବନ ଏନ୍‌ଏସି ଅଞ୍ଚଳର ୩୧ ଜଣ ଅଛନ୍ତି। ଅନ୍ୟ ୨୦ ଜଣଙ୍କ ମଧ୍ୟରେ କଙ୍କଡ଼ାହାଡ଼ ସଦରରୁ ୭, ଭୁବନ ବ୍ଲକ ଦିଘି, ଏକତାଳି, ମଠକରଗୋଳା, ଜିରାଳ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଲେଖାଏ, କାମାକ୍ଷାନଗର ଏନ୍‌ଏସିରୁ ୩ଜଣ, ଗଁଦିଆ ବ୍ଲକ ମନ୍ଦାର ଅଞ୍ଚଳରୁ ୨, ଖଣ୍ଡବନ୍ଧରୁ ୨, ନିହାଲପ୍ରସାଦରୁ ଜଣେ ଅଛନ୍ତି। ସେହିପରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ସଦର ବ୍ଲକ ନରଣପୁର ଗ୍ରାମର ଜଣେ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ଭୁବନ ଏନ୍‌ଏସିକୁ ୫ରୁ ୭ ତାରିଖ ଯାଏ ଜିଲାପାଳ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଆକ୍ରାନ୍ତ ରହୁଥିବା ବାସଗୃହ, ସଙ୍ଗରୋଧ କେନ୍ଦ୍ର ଏବଂ ଅଞ୍ଚଳକୁ ବିଶୋଧନ କରାଯାଇଛି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୧୮ରେ ପହଞ୍ଚିଥିବାବେଳେ ୧୮୬ ଜଣ ସୁସ୍ଥ ହେଲେଣି।

## ଜିଲାରେ ପ୍ରଥମ: ପ୍ଲାଜ୍‌ମା ଦେଲେ ୪




ପ୍ଲାଜ୍‌ମା ଦାତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଅଫିସ, ୪।୮

ଢେଙ୍କାନାଳ ଜିଲାରୁ ପ୍ରଥମ କରି ୪ ଜଣ ବ୍ୟକ୍ତି ପ୍ଲାଜ୍‌ମା ଦାନ କରିଛନ୍ତି। ସେମାନେ ହେଲେ ଭୁବନ ବ୍ଲକ ସାନବ୍ରହ୍ମପୁର ଗ୍ରାମର ପ୍ରୀତିରଞ୍ଜନ ନାୟକ, ଜିରାଳର ସରୋଜ କୁମାର ଖୁଣ୍ଟିଆ, ମାନସ ରଞ୍ଜନ ରାଉତ ଏବଂ କାମାକ୍ଷାନଗର ବ୍ଲକ ଆଳତୁମାର ଔରଙ୍ଗଜେବ ନାୟକ। କରୋନାରୁ ଆରୋଗ୍ୟ ହେବା ପରେ ସେମାନେ ସ୍ୱତଃପ୍ରବୃତ୍ତ ଭାବେ କଟକ ଏସ୍‌ସିବି ମେଡିକାଲ କଲେଜକୁ ଯାଇ ମଙ୍ଗଳବାର ପ୍ଲାଜ୍‌ମା ଦାନ କରିଛନ୍ତି। କରୋନାମୁକ୍ତ ହୋଇଥିବା ୫୪ଜଣ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରୁ ସମ୍ପୃକ୍ତ ୪ଜଣଙ୍କ ନାମ ସୁପାରିସ କରାଯାଇଥିଲା। ପ୍ଲାଜ୍‌ମା ଦାନ ସାଧାରଣ ରକ୍ତଦାନ ପରି। ଏହାଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ଉପକୃତ ହୋଇପାରିବେ ଏବଂ ଗୁରୁତରଙ୍କ ଜୀବନ ବଞ୍ଚାଯାଇପାରିବ ବୋଲି ପ୍ଲାଜ୍‌ମାଦାତା ନିଜ ଅନୁଭୂତି ବାଣ୍ଟି କହିଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଅନ୍ୟ ଆରୋଗ୍ୟମାନେ ପ୍ଲାଜ୍‌ମା ଦାନ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ପିଡି ଡିଆରଡିଏ ନରୋତ୍ତମ ବେହେରା,ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦିଆଗଲା ରିପୋର୍ଟ

ଅନୁଗୋଳ ଅଫିସ୍, ୪।୮

**ଚିକିତ୍ସା ନ ପାଇ ରୋଗୀ ମୃତ୍ୟୁ ଅଭିଯୋଗ ଘଟଣା**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ଶୁକ୍ରବାର ରାତିରେ ଆସିଥିବା ସମଲ ଅଞ୍ଚଳର ବାଦଲ ଦଳାଇ(୪୬)ଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ ହୋଇଥିଲା। ଏ ନେଇ 'ଧରିତ୍ରୀ'ରେ ପ୍ରକାଶିତ ରିପୋର୍ଟକୁ ଅନୁଗୋଳର ବୁଦ୍ଧିଜୀବୀମାନେ ଟୁଇଟ୍ କରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଘଟଣାର ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ରବିବାର ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ମଙ୍ଗଳବାର ମେଡିକାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏ ନେଇ ଅନୁଗୋଳ ସିଡିଏମ୍‌ଓ ଅଭୟ କୁମାର ଦାଶ କହିଛନ୍ତି, ଏଡିଏମ୍‌ଓ (ମେଡିକାଲ) ଯେଉଁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ ତାହାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ଦିଆଯାଇଛି।

## କଳାବ୍ୟାଜ୍ ପିନ୍ଧିବେ ଆୟୁଷ ଡାକ୍ତର

ଅନୁଗୋଳ ଅଫିସ୍, ୪।୮

ସରକାରୀ ଅବହେଳାର ପ୍ରତିବାଦରେ ତଥା ୬ ଦଫା ଦାବି ନେଇ ଆର୍‌ବିଏସ୍‌କେ ଆୟୁଷ ଡାକ୍ତରମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ କହିଛି, ତୃଣମୂଳସ୍ତରରେ କରୋନା ମୁକାବିଲା ଲାଗି ନିୟୋଜିତ ଆର୍‌ବିଏସ୍‌କେ ଆୟୁଷ ଡାକ୍ତରମାନେ ସରକାରଙ୍କ ଅବହେଳାର ଶିକାର ହୋଇଛନ୍ତି। ସିଧାସଳଖ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସୁଥିଲେ ବି ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଗଣାଯାଉ ନାହିଁ। ଏ ନେଇ ବାରମ୍ବାର ବିଭାଗୀୟ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିବାଦ ସ୍ୱରୂପ କଳାବ୍ୟାଜ ପରିଧାନ କରି ଆୟୁଷ ଡାକ୍ତରମାନେ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ନୂଆ ୧୭ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ୍, ୪।୮

ଅନୁଗୋଳ ଜିଲାରୁ ମଙ୍ଗଳବାର ୧୭ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବଣ୍ଠରପାଳ ଓ କିଶୋରନଗର ବ୍ଲକରୁ ୫ ଜଣ ଲେଖାଏ, ଅନୁଗୋଳ ପୌରାଞ୍ଚଳରୁ ୩ ଜଣ, ତାଳଚେର ଓ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨ ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମିତମାନଙ୍କୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୩୭୪ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ୧୭ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ନିରାଶ କଲା ଶ୍ରାବଣ

ଢେଙ୍କାନାଳ ଅଫିସ, ୪।୮



- ଜିଲାରେ ୪୯.୬୧% କମ୍ ବର୍ଷା
- ଓଡ଼ାପଡ଼ା, ଗଁଦିଆ ସ୍ଥିତି ଗମ୍ଭୀର

ସରିଗଲା ଶ୍ରାବଣ। ଆକାଶକୁ ଚାହିଁ ଚାହିଁ ନିରାଶ ହେଲେ ଚାଷୀ। ଆବଶ୍ୟକ ବର୍ଷା ହେଲାନି। ଯେତିକି ହେଲା ସେତକିରେ ଭୂଇଁ ବି ବତୁରିଲାନି। ଅଗଷ୍ଟ ପ୍ରଥମ ସପ୍ତାହ ବେଳକୁ ରୁଆ ସରି ବେଉଷଣ ଆରମ୍ଭ ହେଉଥିବାବେଳେ ଚଳିତବର୍ଷ ଆଗେଇ ପାରୁନି ଚାଷ କାମ। ଏହାକୁ ନେଇ ଚିନ୍ତାରେ ପଡିଛନ୍ତି ଢେଙ୍କାନାଳର ଚାଷୀ। ଜୁଲାଇରେ ଜିଲାରେ ୪୯.୬୧% କମ୍ ବର୍ଷିଛି। ୮ ବ୍ଲକ ମଧ୍ୟରୁ ଓଡ଼ାପଡ଼ା ଏବଂ ଗଁଦିଆରେ ବର୍ଷା ଅଭାବ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି। ଅଗଷ୍ଟ ପ୍ରଥମ ସପ୍ତାହ ଶେଷ ଭରସା। ୨-୪ଦିନ ଭିତରେ ଭଲ ବର୍ଷା ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀକୁଳ।

| ବ୍ଲକ | ବର୍ଷାର ପରିମାଣ (ଜୁଲାଇ) | କମ୍ ବର୍ଷିଛି |
| --- | --- | --- |
| ଢେଙ୍କାନାଳ | ୧୭୦ ମି.ମି. | ୪୬% |
| ଓଡ଼ାପଡ଼ା | ୧୨୦ମି.ମି. | ୬୨% |
| ଗଁଦିଆ | ୧୩୨ମି.ମି. | ୫୮% |
| ହିନ୍ଦୋଳ | ୧୩୬ ମି.ମି. | ୫୭% |
| କାମାକ୍ଷାନଗର | ୨୦୭ମି.ମି. | ୩୪% |
| ଭୁବନ | ୧୪୫ ମି.ମି. | ୫୪% |
| ପରଜଙ୍ଗ | ୧୩୪ ମି.ମି | ୫୭% |
| କଙ୍କଡ଼ାହାଡ଼ | ୨୧୭ ମି.ମି | ୩୧% |

କୃଷି ବିଭାଗର ସୂଚନା ଅନୁଯାୟୀ, ଜୁଲାଇ ଶେଷ ସୁଦ୍ଧା ପ୍ରତି ବ୍ଲକରେ ପାଖାପାଖି ୩୧୭ ମିଲିମିଟର ବର୍ଷା ହେବା କଥା। ହେଲେ ଓଡ଼ାପଡ଼ା ବ୍ଲକରେ ମାତ୍ର ୧୨୦ ମିଲିମିଟର ବର୍ଷିଛି, ଯାହା ୬୨% କମ୍। ବ୍ଲକର ନିମିଧା, ବିଡୋ, ମୋଟଙ୍ଗା ପଞ୍ଚାୟତରେ ଧାନଚାଷ ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଛି। ଗଁଦିଆ ବ୍ଲକରେ ୧୩୨ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୫୮% କମ୍। ବ୍ଲକ ଅଧୀନ ନିହାଲପ୍ରସାଦ, ବେଗା, ରତନପୁର, ଦିଗମ୍ବରପୁର, ଖଙ୍କିରା ପଞ୍ଚାୟତରେ ଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି। ଚଳିତବର୍ଷ ଖରିଫ୍ ଋତୁରେ ଜିଲାରେ ୯୫ ହଜାର ହେକ୍ଟରରେ ଧାନଚାଷ ଲକ୍ଷ୍ୟ ରଖାଯାଇଛି। ଜୁଲାଇ ଶେଷ ସୁଦ୍ଧା ୫୭ହଜାର ହେକ୍ଟରରେ ବୁଣା କାର୍ଯ୍ୟ ସରିବା କଥା। ବର୍ତ୍ତମାନ ସୁଦ୍ଧା ୫୦,୮୬୦ ହେକ୍ଟର ଜମିରେ ଧାନବୁଣା ସରିଛି। ସେହିପରି ଏହି ସମୟ ମଧ୍ୟରେ ୩୮ହଜାର ହେକ୍ଟର ଜମିରେ ଧାନ ରୁଆ ସରିବା କଥା। ବର୍ତ୍ତମାନ ସୁଦ୍ଧା ୧୨,୨୨୯ ହେକ୍ଟରରେ ରୁଆ ସରିଛି। ଜମିରେ ପାଣି ନ ଥିବାରୁ ବେଉଷଣ ଆଗେଇ ପାରୁନାହିଁ। ଏହାକୁ ନେଇ ଅଣଜଳସେଚିତ ଅଞ୍ଚଳର ଭାଗଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। କାମାକ୍ଷାନଗର, ଭୁବନ, କଙ୍କଡ଼ାହାଡ଼ ଏବଂ ପରଜଙ୍ଗ ବ୍ଲକରେ ଜଳସେଚନ ସୁବିଧା ଥିବାରୁ ଚାଷୀମାନେ ସାମାନ୍ୟ ସୁବିଧା ସ୍ଥିତିରେ ଅଛନ୍ତି। ହେଲେ ଏହା ଚାଷକୁ ପର୍ଯ୍ୟାପ୍ତ ନୁହେଁ। ସପ୍ତାହକ ଭିତରେ ଭଲ ବର୍ଷା ହେଲେ ସ୍ଥିତିରେ ସୁଧାର ଆସିବ ବୋଲି କୃଷି ବିଭାଗ କହିଛି।

ଏ ସଂକ୍ରାନ୍ତରେ ଜିଲା କୃଷି ଉପନିର୍ଦ୍ଦେଶକ ରାଜକିଶୋର ନାୟକ କୁହନ୍ତି, ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷିଛି। ଓଡ଼ାପଡା ଏବଂ ଗଁଦିଆରେ ବର୍ଷାର ପରିମାଣ କମିଛି। କାମାକ୍ଷାନଗର ଉପଖଣ୍ଡର ୪ ବ୍ଲକରେ ରେଙ୍ଗାଳି ବାମ କେନାଲ, ଦଣ୍ଡାଧର, ଦଦରାଘାଟି ଜଳଭଣ୍ଡାର ଥିବାରୁ କମ୍ ସମସ୍ୟା ରହିଛି। କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଉଛି।

### ଜମିରେ ପାଣି ନାହିଁ



ଚାଷ କରିବାକୁ ଜମିରେ ପାଣି ନାହିଁ। ରୁଆ କାମ ହୋଇପାରୁନି। ଗ୍ରାମାଞ୍ଚଳରେ ଉଠା ଜଳସେଚନର ସୁବିଧା ନାହିଁ। ଯେଉଁଠି ଉଠା ଜଳସେଚନର ସୁବିଧା ରହିଛି ତାହା କେବଳ ଷ୍ଟ୍ରକଚରରେ ସୀମିତ। ଅନେକ ଅଧାପନ୍ତରିଆ ଭାବେ ପଡ଼ିଛି। ସପ୍ତାହକ ଭିତରେ ବର୍ଷା ନ ହେଲେ ଚାଷ ଉଜୁଡ଼ିଯିବ।

-ପ୍ରଦ୍ୟୁମ୍ନ ପଣ୍ଡା,ଚାଷୀ

### ତଳି ବୁଢ଼ା ହୋଇଗଲାଣି



ବର୍ଷା ନାହିଁ। ତଳି ବୁଢ଼ା ହୋଇଗଲାଣି। ହାତୀ ଉପଦ୍ରବ ଦାଉସାଧୁଛି। କରୋନା ପ୍ରଭାବରେ ଆର୍ଥିକ ସ୍ଥିତି ସଜାଡ଼ିବାକୁ ଆଶା ରଖି ଚାଷୀମାନେ ଚାଷ କରିଥିଲେ। ସେତକ ବି ହେଉନାହିଁ। ଚାଷୀମାନେ ଆଶା ହରାଇଲେଣି। ଚଳିତବର୍ଷ ମରୁଡ଼ି ଆଶଙ୍କା ବେଶି। ସହାୟତା ନ ମିଳିଲେ ସମସ୍ୟା ବଢ଼ିବ।

-ଜିତେନ୍ଦ୍ର ସାହୁ, ଚାଷୀ

